# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 20 July – 2025

*******************************

## ମୁଖ୍ୟ ସମ୍ବାଦ

- ସଂସଦର ମୌସୁମୀ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ।

– ଆଜି ଅନୁଷ୍ଠିତ ହେଲା ସର୍ବଦଳୀୟ ବୈଠକ

- ବିଶ୍ୱସ୍ତରୀୟ ପୁରୀ ରେଳଷ୍ଟେସନ ଆସନ୍ତାବର୍ଷ ପହିଲାରେ ଲୋକାର୍ପିତ ହେବ, କହିଲେ ରେଳ ରାଷ୍ଟ୍ରମନ୍ତ୍ରୀ ।

- ଉନ୍ନତ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍‌ସକୁ ସ୍ଥାନାନ୍ତରିତ ହେଲେ ବଳଙ୍ଗା ପୀଡ଼ିତା

- ମ୍ୟାଲେରିଆ ସ୍ଥିତିର ମୁକାବିଲା ପାଇଁ ଭାରତ ସରକାରଙ୍କ ପକ୍ଷରୁ ବହୁମୁଖୀ ମ୍ୟାଲେରିଆ ଟିକା ଆଡ୍‌ଫ୍ଲାସିଭାକ୍ସ ର ଉଦ୍‌ଭାବନ

ଏବଂ

- ରାଜ୍ୟର ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକରେ ବିଚାରାଧୀନ ଅଭିଯୋଗର ସମାଧାନ ପାଇଁ ଆରମ୍ଭ ହେଲା ସ୍ୱତନ୍ତ୍ର ଅଭିଯାନ

## ଡେ ମନ୍‌ସୁନ ସେସନ

ସଂସଦର ମୌସୁମୀ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଏହା ପୂର୍ବରୁ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ଅଧିବେଶନ କାଳରେ ଉଭୟ ସଦନକୁ ସୁରୁଖୁରୁରେ ଚଳାଇବା ଲାଗି ସରକାର ସମସ୍ତ ରାଜନୈତିକ ଦଳ ଗୁଡ଼ିକ ସହ ସହମତି ନେଇ ଆଲୋଚନା କରିଛନ୍ତି । ବୈଠକରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗ ଦେଇଥିଲେ । କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟସଭାରେ ଗୃହର ନେତା ଜେ.ପି.ନଡ୍ଡା, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ, ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ଡକ୍ଟର ଏଲ୍ ମୁରୁଗାନ ବୈଠକରେ ଉପସ୍ଥିତ ଥିଲେ ।

ସଂସଦର ମୌସୁମୀ ଅଧିବେଶନ ଅଗଷ୍ଟ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଧିବେଶନ କାଳରେ ଉଭୟ ଗୃହରେ ୨୧ଟି ଲେଖାଏଁ କାର୍ଯ୍ୟଦିବସ ରହିଛି । ସୂଚନା ଅନୁଯାୟୀ ମୌସୁମୀ ଅଧିବେଶନ ସମୟରେ ଜନବିଶ୍ୱାସ ବିଧେୟକ, ଜାତୀୟ କ୍ରୀଡ଼ା ପ୍ରଶାସନ ବିଧେୟକ ଏବଂ ଅନ୍ୟକେତେକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପସ୍ଥାପନ ହେବାର ସମ୍ଭାବନା ରହିଛି ।

## ପୁରୀ-ରେଳଷ୍ଟେସନ

ପୁରୀ ବିଶ୍ୱସ୍ତରୀୟ ରେଳଷ୍ଟେସନ ଆସନ୍ତାବର୍ଷ ଜାନୁଆରୀ ମାସରେ ଲୋକାର୍ପିତ ହେବ ବୋଲି କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା କହିଛନ୍ତି । ପୁରୀ ରେଳଷ୍ଟେସନର ସ୍ଥିତି ସମୀକ୍ଷା କରିବା ଅବସରରେ

ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି-କଟକ, ବାଲେଶ୍ୱର, ଭୁବନେଶ୍ୱର ଓ ସମ୍ବଲପୁରରେ ମଧ୍ୟ ବିଶ୍ୱସ୍ତରୀୟ ରେଳଷ୍ଟେସନ୍ କାର୍ଯ୍ୟ ଖୁବ୍‌ଶୀଘ୍ର ସଂପନ୍ନ ହେବ । ରେଳ ଷ୍ଟେସନରେ ୱାଇଫାଇ, ପ୍ରତୀକ୍ଷାଳୟ, ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଉପଲବ୍ଧ ହେବ ।

## ବଳଙ୍ଗା ପୀଡ଼ିତା-ଏୟାରଲିଫ୍ଟ

ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିବା ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଞ୍ଚଳର ପୀଡ଼ିତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍‌ସକୁ ଏୟାର ଲିଫ୍ଟ କରାଯାଇଛି । ସ୍ୱତନ୍ତ୍ର ଏୟାର ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍‌ସର ଡାକ୍ତରୀ ଟିମ୍ ଓ ପୀଡ଼ିତାଙ୍କ ପରିବାରର ଦୁଇଜଣ ସଦସ୍ୟ ତାଙ୍କ ସହ ଦିଲ୍ଲୀ ଯାଇଛନ୍ତି । ପୀଡ଼ିତାଙ୍କୁ ଭୁବନେଶ୍ୱର ଏମ୍‌ସରୁ ବିଜୁ ପଟ୍ଟନାୟକ ବିମାନ ବନ୍ଦରକୁ ନେବା ପାଇଁ ଗ୍ରୀନ୍ କରିଡର ବ୍ୟବସ୍ଥା କରାଯାଇଥିଲା । ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିଛି । ପୀଡ଼ିତାଙ୍କ ଚିକିତ୍ସାରେ ୧୪ ଜଣିଆ ଡାକ୍ତରୀ ଦଳ ନିୟୋଜିତ ଥିଲେ । ବର୍ତ୍ତମାନ ତାଙ୍କୁ ଦିଲ୍ଲୀ ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି ବୋଲି ଭୁବନେଶ୍ୱର ଏମ୍‌ସ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଆଶୁତୋଷ ବିଶ୍ୱାସ କହିଛନ୍ତି ।

## ଓ.ଟି.ଇ.ଟି. ସ୍ଥଗିତ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା - ଓ.ଟି.ଇ.ଟି.କୁ ବର୍ତ୍ତମାନପାଇଁ ସ୍ଥଗିତ ରଖାଯାଇଛି । ଏହି ପରୀକ୍ଷା ଆଜି ଅନୁଷ୍ଠିତ ହେବାର ଥିଲା । ତେବେ ସାମାଜିକ

ଗଣମାଧ୍ୟମରେ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ପରେ ବୋର୍ଡ଼ ପକ୍ଷରୁ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି ।

## ଶକ୍ତିଶ୍ରୀ

ରାଜ୍ୟରେ ଛାତ୍ରୀମାନଙ୍କ ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ୧୬ଟି ବିଶ୍ୱବିଦ୍ୟାଳୟ ଏବଂ ୭୩୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ସରକାର **ଶକ୍ତିଶ୍ରୀ ଯୋଜନା** କାର୍ଯ୍ୟକାରୀ କରିଛନ୍ତି । ମହିଳାଙ୍କ ସମ୍ମାନ ଓ ସୁରକ୍ଷାପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଶକ୍ତିଶ୍ରୀ ଯୋଜନା ସଂପର୍କରେ ଏକ ରିପୋର୍ଟ :

*ରାଜ୍ୟରେ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ସୁରକ୍ଷିତ ଶିକ୍ଷା ବାତାବରଣ ସହ ଛାତ୍ରୀମାନଙ୍କ ସଶକ୍ତିକରଣ ଓ ସର୍ବାଙ୍ଗୀନ ବିକାଶ ସୁନିଶ୍ଚିତ କରିବା ପାଇଁ ସରକାର ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଶିକ୍ଷାନୁଷ୍ଠାନ ଗୁଡ଼ିକରେ* ***ଶକ୍ତିଶ୍ରୀ ସଶକ୍ତିକରଣ*** *କେନ୍ଦ୍ର ଖୋଲାଯିବ, ଯାହା ଛାତ୍ରୀଙ୍କ ଦ୍ୱାରା ପରିଚାଳିତ ହେବ । ଏଥିସହିତ ଜଣେ ଛାତ୍ରୀ* ***ଶକ୍ତିଶ୍ରୀ ସାଥୀ*** *ଏବଂ ଜଣେ ଅଧ୍ୟାପିକା* ***ଶକ୍ତିଶ୍ରୀ ସଂଯୋଜିକା*** *ଭାବେ ଏହି କେନ୍ଦ୍ରକୁ ପରିଚାଳିତ କରିବେ ।*

*ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ୫ ଜଣ ମହିଳାଙ୍କୁ* ***ଶକ୍ତିଅପା*** *ଭାବେ ଜିଲ୍ଲାପାଳ ମନୋନୀତ କରିବେ ।*

ପ୍ରତି ୩ ମାସରେ ଥରେ ଶକ୍ତିଅପା ମାନେ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବେ। ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରରେ ଏକ ୬ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା, ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଶିକ୍ଷା ପ୍ରଦାନ ସହ ଏହାର ଆଇନଗତ ଦିଗ ସଂପର୍କରେ ତାଲିମ ଦିଆଯିବ । ଏଥିସହ ଛାତ୍ରୀମାନଙ୍କୁ ସହାୟତା କରିବା ପାଇଁ **ଶକ୍ତିଶ୍ରୀ ଆପ୍** ନାମରେ ଏକ ନୂତନ ମୋବାଇଲ୍ ଆପ୍ କାର୍ଯ୍ୟକାରୀ କରାଯିବ । କୌଣସି ଛାତ୍ରୀ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଲେ ନିଜର ପରିଚୟ ଗୋପନ ରଖି ଏହି ଆପ୍ ମାଧ୍ୟମରେ ଅଭିଯୋଗ ପଞ୍ଜୀକରଣ କରିପାରିବେ । ଛାତ୍ରୀଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଏହି ଯୋଜନା ସଂପର୍କରେ ସମାଜସେବୀ ରୀନା ରାଉତରାୟ ପ୍ରତିକ୍ରିୟାରେ କହିଛନ୍ତି :

**- V/O - (Rina Routray)**

ଛାତ୍ରୀ ସୁରକ୍ଷାକୁ ସଶକ୍ତ କରିବ ଶକ୍ତିଶ୍ରୀ ଯୋଜନା । ଏହାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ଏ ସଂପର୍କରେ ବଡ଼ମ୍ବା ମୋହନସୁବୁଦ୍ଧି ମହାବିଦ୍ୟାଳୟର ଛାତ୍ରୀ ଗାୟତ୍ରୀ ସାହୁ କହିଛନ୍ତି :**V/O - (Gayatri Sahoo)**

ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ସୁରକ୍ଷିତ ବାତାବରଣ ପ୍ରଦାନ କରିବାରେ ଶକ୍ତିଶ୍ରୀ ଯୋଜନା ଆଗାମୀ ଦିନରେ ଏକ ବଳିଷ୍ଠ ମାଧ୍ୟମ ରୂପେ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି ।

## ମାନବାଧିକାର ଅଭିଯୋଗ ଶୁଣାଣି

ଜାତୀୟ ମାନବାଧିକାର ଆୟୋଗଙ୍କ ପକ୍ଷରୁ ଭୁବନେଶ୍ୱରଠାରେ ଆସନ୍ତାକାଲିଠାରୁ ଦୁଇଦିନିଆ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ଶିବିରରେ ମାନବାଧିକାର ଉଲ୍ଲଙ୍ଘନ ସମ୍ପର୍କିତ ଅଭିଯୋଗଗୁଡ଼ିକର ଶୁଣାଣି କରାଯିବ । ରାଜ୍ୟ ଅତିଥି ଭବନରେ ଆସନ୍ତାକାଲି ସକାଳ ୧୦ଟାରୁ ମାମଲାଗୁଡ଼ିକର ଶୁଣାଣି ଆରମ୍ଭ ହେବ । ସମ୍ପୃକ୍ତ ରାଜ୍ୟର ପଦାଧିକାରୀ ଏବଂ ଅଭିଯୋଗକାରୀ ମାମଲା ଶୁଣାଣିରେ ଉପସ୍ଥିତ ରହିବାକୁ ପରାମର୍ଶ ଦିଆଯାଇଛି । ଏହି ଅବସରରେ ମାନବାଧିକାର ସମ୍ପର୍କରେ ଜନସଚେତନତା ବୃଦ୍ଧି ନେଇ ଆୟୋଗ ରାଜ୍ୟର ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀଙ୍କ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ମ୍ୟାଲେରିଆ ଭ୍ୟାକ୍ସିନ

ଦେଶରେ ମ୍ୟାଲେରିଆ ସ୍ଥିତିର ମୁକାବିଲା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଏକ ବହୁମୁଖୀ ମ୍ୟାଲେରିଆ ଟୀକା ଆଡ୍‌ଫ୍ଲାସିଭାକ୍ସର ଉଦ୍ଭାବନ କରାଯାଇଛି । ମଣିଷ ଦେହରୁ ମ୍ୟାଲେରିଆ ଜୀବାଣୁକୁ ନଷ୍ଟ କରି ଅଳ୍ପ ସମୟ ମଧ୍ୟରେ ମ୍ୟାଲେରିଆରୁ ଉପଶମ ଲାଭ କରିବା ଏହି ଟିକାକରଣର ଲକ୍ଷ୍ୟ । ଭାରତୀୟ ଭେଷଜ ଗବେଷଣା ପରିଷଦ ଆଇସିଏମ୍‌ଆର୍, ଜୈବ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ ଜାତୀୟ ଟୀକାକରଣ ସଂସ୍ଥା ମାଧ୍ୟମରେ ଏହି ଭାକ୍ସିନକୁ ଉନ୍ନତୀକରଣ କରାଯାଇପାରିଛି । ଏହି ଟିକା ମାନବ ଶରୀରରେ

ଫଳପ୍ରଦ ଭାବେ କାର୍ଯ୍ୟ କରିବ ବୋଲି ବୈଜ୍ଞାନିକମାନଙ୍କ ଅନୁସନ୍ଧାନରୁ ଜଣାପଡ଼ିଛି ।

## ୟୁଏଲ୍‌ବି

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା-ୟୁଏଲ୍‌ବି ଗୁଡ଼ିକରେ ସମସ୍ତ ବିଚାରାଧୀନ ଅଭିଯୋଗର ସମାଧାନ ପାଇଁ ଏକ ଉତ୍ସର୍ଗୀକୃତ ସ୍ୱତନ୍ତ୍ର ଅଭିଯାନର ଘୋଷଣା କରାଯାଇଛି । ଆଜିଠାରୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିବା ଜନଶୁଣାଣି, କେନ୍ଦ୍ରୀକୃତ ଜନ ଅଭିଯୋଗ ସମାଧାନ, ମନିଟରିଂ ସିଷ୍ଟମ୍ ଏବଂ ହେଲ୍‌ପ ଡେସ୍କ ମାଧ୍ୟମରେ ବିଭିନ୍ନ ଅଭିଯୋଗର ସମାଧାନ କରାଯିବ । ଏ ସଂପର୍କରେ ବିଭାଗ ପକ୍ଷରୁ କୁହାଯାଇଛି ଏହି ସ୍ୱତନ୍ତ୍ର ଅଭିଯାନ ଗୁଣାତ୍ମକ ସେବା ପ୍ରଦାନ କରିବା ଏବଂ ଅପହଞ୍ଚ ସ୍ଥାନରେ ମଧ୍ୟ ସୁଶାସନ ସୁନିଶ୍ଚିତ କରିବା ପାଇଁ ଏକ ନିରନ୍ତର ପ୍ରୟାସ ସ୍ୱରୂପ ଏହି ପଦକ୍ଷେପ ନିଆଯାଇଛି । ସମସ୍ତ ୟୁଏଲ୍‌ବି ମାନଙ୍କୁ ଆସନ୍ତା ୨୯ ତାରିଖ ସୁଦ୍ଧା ଏହି ଅଭିଯାନ ନେଇ ଏକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ରିପୋର୍ଟ ଦାଖଲ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

## ଧାନ ସଂଗ୍ରହ

ଗଞ୍ଜାମ ଜିଲ୍ଲା ଛତ୍ରପୁରଠାରେ ଚଳିତ ଖରିଫ୍ ଋତୁ ପାଇଁ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇଛି । ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଚାଷୀ ପଞ୍ଜୀକରଣ ନେଇ ପ୍ରଶିକ୍ଷଣ ଦିଆଯାଉଛି । ସମସ୍ତ ଚାଷୀ ଇ-କେଓ୍ୱାଇସି ମାଧ୍ୟମରେ ପଞ୍ଜୀକରଣ କରିବେ । ଜିଲ୍ଲାର ୪୬୨ଟି ଧାନ ବିକ୍ରୟ ଓ

ଚାଷୀ ପଞ୍ଜୀକରଣ କେନ୍ଦ୍ର ରହିଥିବା ବେଳେ ୩୬୨ଟି ପ୍ୟାକ୍ସ ଓ ୧୦୦ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ଚଳିତଥର ୬୦ଲକ୍ଷ କ୍ୱିଣ୍ଟାଲ୍ ଧାନ ସଂଗ୍ରହ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସୂଚନାଯୋଗ୍ୟ ଗତବର୍ଷ ଜିଲ୍ଲାର ୨୨ଟି ବ୍ଲକରେ ୧ଲକ୍ଷ ୪୫ ହଜାର ୫୦୪ଜଣ ଚାଷୀ ପଞ୍ଜୀକରଣ କରିଥିଲେ ଏବଂ ପ୍ରାୟ ୯୭ ପ୍ରତିଶତ ଧାନ ସଂଗ୍ରହ ଲକ୍ଷ୍ୟ ହାସଲ କରାଯାଇଥିଲା ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି ।

## ସ୍ମାର୍ଟ ପାର୍କ

ଗଞ୍ଜାମ ଜିଲ୍ଲା ଗୋପାଳପୁର ବିଜ୍ଞପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ଥାନୀୟ ଇକୋ-ରିଟ୍ରିଟ୍ ନିକଟରେ ନିର୍ମାଣ ହୋଇଥିବା ସ୍ମାର୍ଟ ପାର୍କ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି । ପ୍ରାୟ ୩ ଏକର ପରିମିତି ଜମିରେ ୨ କୋଟି ଟଙ୍କା ବିନିମୟରେ ଏହି ସ୍ମାର୍ଟ ପାର୍କ ନିର୍ମାଣ କରାଯାଇଛି । ପାର୍କରେ ଶିଶୁମାନଙ୍କ ପାଇଁ ବିଭିନ୍ନ କ୍ରୀଡ଼ା ସାମଗ୍ରୀ ରହିବା ସହ ସେଲ୍‌ଫି ପଏଣ୍ଟ, ୱାଟର ପାର୍କ ଓ ଅନ୍ୟାନ୍ୟ ସୁବିଧା ରହିଛି ।

## ଥାଇରଏଡ୍- ସମ୍ମିଳନୀ

ବ୍ରହ୍ମପୁରର ଆଇଏମ୍ଏ ହଲ୍‌ରେ ପଞ୍ଚମ ଦକ୍ଷିଣ ଓଡ଼ିଶା ଥାଇରଏଡ୍ ସଂପର୍କିତ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ରାଜ୍ୟର ବିଭିନ୍ନ ମେଡ଼ିକାଲର ବିଶେଷଜ୍ଞମାନଙ୍କ ଦ୍ୱାରା ଥାଇରଏଡ୍ ରୋଗ ଏବଂ ଏହାର ନିରାକରଣ ସଂପର୍କରେ ଆଲୋଚନା ହୋଇଛି । କାର୍ଯ୍ୟକ୍ରମରେ ୩୦୦ ଜଣ ଡାକ୍ତର ଅଂଶ ଗ୍ରହଣ କରିଥିଲେ । ଭାରତ ସମେତ ସାରା ବିଶ୍ୱରେ ଥାଇରଏଡ୍

ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଉଛି । ଥାଇରଏଡ୍ ଗ୍ରନ୍ଥି ଶରୀରରେ ଏକ ବ୍ୟାଟେରୀ ଭଳି କାର୍ଯ୍ୟ କରିଥାଏ, ଯାହା ବିଭିନ୍ନ ଅଂଗକୁ ଶକ୍ତି ଯୋଗାଇଥାଏ । ଏହି ରୋଗ ବୟସ, ଲିଙ୍ଗ ନିର୍ବିଶେଷରେ ସମସ୍ତ ବର୍ଗର ଲୋକଙ୍କୁ ଆକ୍ରାନ୍ତ କରିବା ସହ ଶରୀରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଉପରେ କୁପ୍ରଭାବ ପକାଇଥାଏ ।

## ପ୍ରଶିକ୍ଷଣ

ଗଜପତି ଜିଲ୍ଲା ବଡ଼ଗୋସାଣି ଓ ଜଙ୍ଗଲପାଡୁ ସମେତ ବିଭିନ୍ନ ଗ୍ରାମରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା  ହାଣ୍ଡିଖତ ପ୍ରସ୍ତୁତି ସଂପର୍କିତ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୃଷିକ୍ଷେତ୍ରରେ କୀଟନାଶକ ସାରର ପ୍ରୟୋଗ, ଜୈବିକ ଖତର ବ୍ୟବହାର ସଂପର୍କରେ ଆଲୋଚନା କରାଯାଇଥିଲା ।

## ପାଣିପାଗ

ଉତ୍ତର ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କେନ୍ଦ୍ରୀଭୂତ ହେବା ସହ ରାଜ୍ୟରେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।